To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଆଶିଷ ଇନିଂସରେ ପୂର୍ଣ୍ଣଚ୍ଛେଦ

R.N.I. No.-42041/83 Vol-15, Issue No.123, ଭଦ୍ରକ,ଗୁରୁବାର, ୨, ନଭେମ୍ବର ୨୦୧୭ ■ Bhadrak, Thursday, 2 November 2017 Rs. 2.00 Pages-8

## ବଏଲର ଫାଟି ୧୬ ମୃତ

- ୨୦୦ରୁ ଉର୍ଦ୍ଧ୍ୱ ଆହତ
- ଉଦ୍ଧାରକାର୍ଯ୍ୟରେ ଏନଡିଆର୍‌ଏଫ୍ ଦଳ ମୁତୟନ

ରାୟବରେଲି, ୧।୧୧: ଉତ୍ତରପ୍ରଦେଶ ରାୟବରେଲିରେ ବୁଧବାର ଅପରାହ୍ନରେ ଏକ ବଡ ଧରଣର ଅଘଟଣ ଘଟିଛି । ରାୟବରେଲିର ଉଞ୍ଚାହାରରେ ଏନ୍‌ଟିପିସିରେ ବଏଲର ଫାଟି ବିସ୍ଫୋରଣ ଘଟିବା ଦ୍ୱାରା ୧୬ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଏହି ହୃଦୟ ବିଦାରକ ଦୁର୍ଘଟଣାରେ ପାଖାପାଖି ୨୦୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ସୂଚନା ମିଳିଛି । ସମସ୍ତଙ୍କୁ ଜିଲ୍ଲା ହସ୍‌ପିଟାଲ ସିଏଚସିରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଉଞ୍ଚାହାର ଏନଟିପିସିରେ ୫୦୦ ମେଗାୱାଟ ୟୁନିଟର ୬ ନମ୍ବର ବଏଲର ଷ୍ଟିମ ପାଇପ ଫାଟି ଯିବାରୁ ଏହି ଦୁର୍ଘଟଣା ଘଟିଛି । ଅପରାହ୍ନ ୪ଟାରେ ହୋଇଥିବା ଏହି ବିସ୍ଫୋରଣରେ ପ୍ଲାଣ୍ଟ ପରିସରରେ ଶୋକର ଛାୟା ଖେଳି ଯାଇଛି । ସିଆଇଏସଏଫ ପୁରା ପରିସରକୁ ଘେରି ନେଇଛନ୍ତି । ପରିସର ବାହାରେ ଆହତ ଶ୍ରମିକଙ୍କ ପରିଜନ ନିଜ ଲୋକଙ୍କ ସନ୍ଧାନରେ ଏତେ ତେଣେ ଘୁରି ବୁଲୁଛନ୍ତି । ଉଦ୍ଧାରକାର୍ଯ୍ୟ ପାଇଁ ଏନଡିଆରଏଫ ଦଳକୁ ମୁତୟନ କରାଯାଇଛି । ଆହତଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ରାୟବରେଲି, ଆହ୍ଲାବାଦ ଓ ଲକ୍ଷ୍ନୌ ସ୍ଥାନାନ୍ତର କରାଯାଉଛି । ଦୁର୍ଘଟଣାର ସୂଚନା ମିଳିବା ପରେ ଉପ ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ କ୍ୟାବିନେଟ ମନ୍ତ୍ରୀ ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଏନଟିପିସିର ୟୁନିଟ ନମ୍ବର ୬ରେ ଏହି ଦୁର୍ଘଟଣା ଯେଉଁ ସମୟରେ ହୋଇଥିଲା, ସେହି ସମୟରେ ପ୍ରାୟ ୩୫୦ ଶ୍ରମିକ ଓ ଅଧିକାରୀ କାମ କରୁଥିଲେ । ୫୦୦ ମେଗାୱାଟ ବିଜୁଳି ଉତ୍ପାଦନର ଏହି ୟୁନିଟର ଟରବାଇନ ମଧ୍ୟରେ ଥିବା ଷ୍ଟିମ ପାଇପଲାଇନ ଫାଟି ଯିବାରୁ ଏହି ଭୟଙ୍କର ବିସ୍ଫୋରଣ ଘଟିଥିଲା । ଷ୍ଟିମ୍ ପାଇପଲାଇନ ଅଚାନକ ଫାଟି ଯିବାରୁ ୨୫୦ ଡିଗ୍ରୀ ସେଲସିୟସ ଗରମରେ ଥିବା ତୈଳ ଚାରି ଆଡେ ଖେଳି ଯାଇଥିଲା । ଏହାର ପ୍ରଭାବରେ ୨୦୦ ଶ୍ରମିକ ପୋଡି ଯାଇଥିଲେ । ଏଥିରେ ଏପର୍ଯ୍ୟନ୍ତ ୧୬ ଜଣଙ୍କ ମୃତ୍ୟୁ ଘଟିସାରିଛି । ଆହତ ମାନଙ୍କ ମଧ୍ୟରେ ୪ଜଣ ଉଚ୍ଚ ସ୍ତରୀୟ ଅଫିସର ମଧ୍ୟ ସାମିଲ ଅଛନ୍ତି । (ପୃଷ୍ଠା-୭)

## ନରସଂହାର

## ୮ ମୃତ, ୧୦ ଗୁରୁତର

### ଆଇଏସ୍‌ଆଇକୁ ପୁଣି ଥରେ ଫେରିବାକୁ ସୁଯୋଗ ଦେବୁ ନାହିଁ

ନ୍ୟୁୟର୍କ,୧।୧୧ : ନ୍ୟୁୟର୍କର ୱାଲର୍ଡ ଟ୍ରେଡ ସେଣ୍ଟର ମେମୋରିଆଲ ନିକଟସ୍ଥ ମ୍ୟାନହଟନରେ ମଙ୍ଗଳବାର ନରସଂହାର ଘଟଣା ଦେଖିବାକୁ ମିଳିଛି । କିଛି ଲୋକଙ୍କୁ ନେଇ ଯାଉଥିବା ଏକ ଟ୍ରକ ଚାଳକଙ୍କ ହିଂସାତ୍ମକ ମନୋବୃତ୍ତି ଯୋଗୁଁ ୮ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ଜଣ ଗୁରୁତର ଆହତ ହୋଇଛନ୍ତି । ଘଟଣାରେ ସମ୍ପୃକ୍ତ ସନ୍ଦିଗ୍ଧମାନଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କଠାରୁ ୨ଟି ବନ୍ଧୁକ ଜବତ କରିବା ସହିତ ପୋଲିସ ଘଟଣାର ଯାଞ୍ଚ କରୁଛି । ଟ୍ରକଟି ପ୍ରଥମେ ଏକ ସ୍କୁଲ ବସ ଉପରେ ଚିଯାଇଥିଲା । ଏଥିରେ ୩ଜଣ ପିଲା ଯାଉଥିଲେ । ହ୍ୱାଇଟ ହାଉସର ମୁଖପାତ୍ର କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏହି ଘଟଣା ସମ୍ପର୍କରେ ଅବଗତ କରାଯାଇଛି । ଏଥି ଘଟଣା ସହିତ ସମ୍ପୃକ୍ତ ତଥ୍ୟକୁ ରାଷ୍ଟ୍ରପତିଙ୍କୁ ଦିଆଯାଉଛି । ନ୍ୟୁୟର୍କ ମେୟର ଏହାକୁ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ବୋଲି କହିଛନ୍ତି । ସେ କହିଛନ୍ତି, ଏହି ଘଟଣା ନିଶ୍ଚିତ ଭାବରେ ବଡ଼ ଧରଣର ଷଡ଼ଯନ୍ତ୍ର ରହିଛି । ଏହା ଏକ ନୃଶଂସ ହତ୍ୟାକାଣ୍ଡ । ରାଷ୍ଟ୍ରପତି ଟ୍ରମ୍ପ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ସେ କହିଛନ୍ତି, ଜଣେ ପାଗଳ ପ୍ରାୟ ଲୋକ ଦ୍ୱାରା ଏହି ଘଟଣା କରାଯାଇଛି । ସୁରକ୍ଷା ଏଜେନ୍ସି ଏହାରି ଉପରେ ନଜର ରଖିଛି । ଟ୍ରମ୍ପ ଟୁଇଟ କରିଛନ୍ତି ଯେ, ମଧ୍ୟପୂର୍ବରେ ହରାଇବା ପରେ ଆମେ ଆଇଏସ୍‌ଆଇକୁ ପୁଣି ଥରେ ଫେରିବାକୁ ସୁଯୋଗ ଦେବୁ ନାହିଁ । ରାଷ୍ଟ୍ରପତି ମୃତ ବ୍ୟକ୍ତିଙ୍କୁ ସମ୍ବେଦନା ଜଣାଇଛନ୍ତି ।

## ଖୋଲିଲା ଶିମିଳିପାଳ

ଭୁବନେଶ୍ୱର, ୧।୧୧ (ସକାଳ ଖବର) : ଆଜିଠାରୁ ମୟୂରଭଂଜ ଜିଲ୍ଲାର ବିଶ୍ୱ ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକ ମାନଙ୍କ ପାଇଁ ଖୋଲାଯାଇଛି । ଗତ ୩ ମାସ ଧରି ପ୍ରବଳ ବର୍ଷା ଯୋଗୁଁ ଶିମିଳିପାଳକୁ ରାସ୍ତା ବିଚ୍ଛିନ୍ନ ହେବା ପରେ ଏହାକୁ ବନ୍ଦ କରି ଦିଆଯାଇଥିଲା । ପ୍ରଥମ ଦିନରେ ଶିମିଳିପାଳ କର୍ତୃପକ୍ଷ ପର୍ଯ୍ୟଟକ ମାନଙ୍କୁ ଫୁଲ ଦେଇ ସ୍ୱାଗତ କରିଛନ୍ତି। ପ୍ରଥମ ଦିନରେ ଆସାମ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରୁ କିଛି ପର୍ଯ୍ୟଟକ ଆସିଥିବା ବେଳେ ବନ୍ୟଜନ୍ତୁ ଉପରେ ଗବେଷଣା କରୁଥିବା ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର କିଛି (ପୃଷ୍ଠା-୭)

## ଦୁର୍ଘଟଣା, ୧୨ ଜଣ ଆହତ

ଭୁବନେଶ୍ୱର, ୧।୧୧ (ସକାଳ ଖବର) :କୋଲକାତାରୁ ପୁରୀ ଅଭିମୁଖେ ତୀର୍ଥ ଯାତ୍ରୀଙ୍କୁ ଧରି ଆସୁଥିବା ଏକ ବସ କଟକର ଟାଙ୍ଗୀ ନିକଟରେ ଏକ ପିକ ଅପ ଭ୍ୟାନକୁ ଧକ୍କା ଦେବାରୁ ୧୨ ଜଣରୁ ଉର୍ଦ୍ଧ ଆହତ ହୋଇଥିବା ଜଣା ପଡିଛି । ଏହି ଦୁର୍ଘଟଣାରେ ଆହତ ଲୋକ ମାନଙ୍କୁ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଟାଙ୍ଗୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ସେଠାରେ କିଛି ଆହତଙ୍କ ସ୍ୱାସ୍ଥ୍ୟବସ୍ଥା (ପୃଷ୍ଠା-୭)

## ଭେଣ୍ଟିଲେଟରରୁ ବାହାରିଲା ଜଗା

### କାଳିଆ ଦୁର୍ବଳ

### ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧।୧୧ (ସକାଳ ଖବର) : ଜଗା ଆଜି ଭେଂଟିଲେଟରରୁ ବାହାରିଛି । ତାକୁ ଆଇସିୟୁରେ ରଖାଯାଇଛି । ସେ ସ୍ୱାଭାବିକ ନିଶ୍ୱାସ ପ୍ରଶ୍ୱାସ ନେଉଛି ଓ କଥା ବୁଝୁଛି। ଜଗା ତା' ମାଆ କଥା ବୁଝୁଛି। ମାଆ କହିଲେ ହାତ ଗୋଡ଼ ହଲାଉଛି। ଖିଆପିଆ କଲେ ଆମେ ତାକୁ ସାଧାରଣ ୱାର୍ଡକୁ ନେବୁ ବୋଲି ଦିଲ୍ଲୀ ଏମସର ନ୍ୟୁରୋ ବିଭାଗର ମୁଖ୍ୟ ପ୍ରଫେସର ଅଶୋକ ମହାପାତ୍ର କହିଛନ୍ତି । ସେ ଆହୁରି କହିଛନ୍ତି, ଜଗା, କାଳିଆଙ୍କ ଅପରେସନ ବହୁତ କ୍ରିଟିକାଲ ଥିଲା। ଆମ ଆଶା ଅନୁସାରେ ଉଭୟଙ୍କ ଉନ୍ନତି ଘଟୁଛି। ଜଗା ଅପେକ୍ଷା କାଳିଆ ଟିକେ ଦୁର୍ବଳ ଥିଲା। କାଳିଆର ବାତ ଥିଲା। ତାକୁ ଔଷଧ ଦିଆଯାଉଛି। ନିଦ ପାଇଁ ଔଷଧ ଦିଆଯାଉଥିବାରୁ ସେ ମାନ୍ଦା ରହୁଛି। ଔଷଧ ପ୍ରଭାବରୁ ବାହାରିଲେ ସେ ହାତ ଗୋଡ଼ ହଲାଉଛି ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଦିଲ୍ଲୀ ଏମସ୍ ଯାଇ ଜଗା-କାଳିଆଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି । ଜଗା-କାଳିଆଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍ ସହିତ ମନ୍ତ୍ରୀ ଶ୍ରୀ ଜେନା ଏସମ୍ପର୍କରେ ଆଲୋଚନା କରିଛନ୍ତି। ଜଗା, କାଳିଆଙ୍କୁ ଦେଖିବା ପରେ ମନ୍ତ୍ରୀ କହିଛନ୍ତି, ଜଗା ଅବସ୍ଥା ଭଲ ଅଛି । ଦୁଇରୁ ଚାରି ଦିନ ଭିତରେ ୱାର୍ଡକୁ ଆସିବ। କାଳିଆକୁ ବର୍ତମାନ ବି ଓଟିର ଏକ ଆଇସିୟୁରେ ରଖାଯାଇଛି। (ପୃଷ୍ଠା-୭)

## ଜୀବନ ହାରିଲେ ଫସଲ ଜାଳି ଦେଇଥିବା ଚାଷୀ

ବରଗଡ/ଝାରସୁଗୁଡା,୧।୧୧ (ସକାଳ ଖବର) :ଫସଲରେ ପୋକ ଲାଗିବା ଯୋଗୁଁ ଗତକାଲି ନିଜ ଜମିରେ ନିଆଁ ଲଗାଇ ଦେଇଥିବା ବରଗଡର ଚାଷୀ ଆଜି ଆତ୍ମହତ୍ୟା କରିଛନ୍ତି । ବରଗଡ ଜିଲ୍ଲା କଳାପାଣି ଗ୍ରାମର ବୃନ୍ଦା ସାହୁ ଚକଡ଼ା ପୋକ ଲାଗିଯାଇଥିବା ଯୋଗୁଁ ଗତକାଲି ନିଜର ଅଧା ଏକର ଜମିରେ ନିଆଁ ଲଗାଇ ଦେଇଥିଲେ । ବୃନ୍ଦା ବୁଧବାର ବିଲ ମଝିରେ ବିଷ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ରୋଗ ପୋକ ଦାଉରୁ ଫସଲିକୁ ବଂଚାଇ ନପାରିବା କାରଣରୁ ଗତକାଲି ନିଜ ଫସଲକୁ ନିଜେ ଜାଳି ଦେଇଥିଲେ ବୃନ୍ଦା। ଅନ୍ୟପକ୍ଷରେ ସମ୍ବଲପୁର ଓ ଝାରସୁଗୁଡ଼ାରେ ବି ଚାଷୀ ଫସଲ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି । ରୋଗକପୋକ ପ୍ରଭାବରେ ଧାନ

### ଫସଲ ଜାଳିଲେ ସମ୍ବଲପୁର, ଝାରସୁଗୁଡ଼ାର ଚାଷୀ

ଫସଲ ନଷ୍ଟ ହେବା ପରେ ଝାରସୁଗୁଡ଼ା ଲଖନପୁର ପଂଚାୟତର ଅଏଁଲପଡ଼ା ଗାଁର ଜଣେ ଚାଷୀ ଧାନ କ୍ଷେତରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଏକର ଏକର ଚାଷ ଜମି ପୋଡ଼ି ଯାଇଛି । ସେହିପରି ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ୍ର ଖୁଦପାଲି ଗାଁର ସତ୍ୟାନନ୍ଦ ସେଠ୍ ନାମକ ଜଣେ ଚାଷୀ ମଧ୍ୟ ନିଜ ଧାନ କ୍ଷେତରେ ନିଆଁ ଲଗାଇ ଦେଇଛନ୍ତି। ଚକଡ଼ା ପୋକ ଯୋଗୁଁ ଅମଳ ସମୟରେ ଧାନ ଫସଲ ନଷ୍ଟ ହେବା ଯୋଗୁ ଚାଷୀ ହତାଶ ହୋଇ ଏଭଳି ଚରମ ପଦକ୍ଷେପ ନେଇଛନ୍ତି।



ନେବାର ଭଲ ଉପାୟ ହେଉଛି ଦେବା ।



ହୁଣ୍ଡିର ଆୟ (୧.୧୧.୧୭) ୪,୪୭,୯୮୪

## ଗୋଲକଙ୍କୁ ୩ଘଣ୍ଟା ଜେରା

ଭୁବନେଶ୍ୱର, ୧।୧୧ (ସକାଳ ଖବର) : ଛତ୍ରପୁରର କାଉନସିଲର ଲକ୍ଷ୍ମୀଦତ ପ୍ରଧାନ ହତ୍ୟାକାଣ୍ଡ ଘଟଣାରେ ଛତ୍ରପୁର ଥାନାରେ ବିଜେପି ମୁଖପାତ୍ର ଗୋଲକ ମହାପାତ୍ର ହାଜର ହୋଇଛନ୍ତି । ୨ ଟି ପର୍ଯ୍ୟାୟରେ ତାଙ୍କୁ ୩ ଘଂଟା ଜେରା କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ଜେରା ପରେ ଗୋଲକ ସଂଧ୍ୟାରେ ଥାନାରୁ ବାହାରିଥିଲେ । ସେଠାରୁ ବାହାରିବା ପରେ ଶ୍ରୀ ମହାପାତ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ପୋଲିସ୍ ତାଙ୍କୁ ଯାହା ଯାହା ପଚାରିଲା ସେ ତାର ଉତର ଦେଇଛନ୍ତି। ଆଗକୁ ମଧ୍ୟ ସେ ତଦନ୍ତରେ ସହଯୋଗ କରିବେ ବୋଲି କହିଛନ୍ତି । ଛତ୍ରପୁର କାଉନସିଲର ଲକ୍ଷ୍ମୀଦତ ହତ୍ୟା ଘଟଣାରେ ଧରାପଡିଥିବା କୃଷ୍ଣ ନାୟକ ବିଜେପି ନେତା ଗୋଲକ ମହାପାତ୍ରଙ୍କ ସହ ଯୋଗାଯୋଗ କରିଥିବା ଜଣାପଡିବା ପରେ ଛତ୍ରପୁର ଥାନା ପକ୍ଷରୁ ଗୋଲକଙ୍କୁ ଥାନାରେ ହାଜର ହେବା ପାଇଁ ନୋଟିସ୍ କରାଯାଇଥିଲା । ଏହା ଅନୁଯାୟୀ ବୁଧବାର ଦିନ ସକାଳୁ ଗୋଲକ ଛତ୍ରପୁର ଅଭିମୁଖେ ଯାଇଥିଲେ । ତାଙ୍କ ସହିତ ବିଜେପିର ଅନ୍ୟ ନେତା , ପୂର୍ବତନ ମନ୍ତ୍ରୀ , ବିଧାୟକ , ସ୍ଥାନୀୟ ନେତା ମଧ୍ୟ ଛତ୍ରପୁର ଯାଇଥିଲେ । ଥାନା ପର୍ଯ୍ୟନ୍ତ ଗୋଲକଙ୍କୁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା । କଡା ସୁରକ୍ଷା ବଳୟରେ ୧୬୧ ଧାରାରେ ତାଙ୍କର (ପୃଷ୍ଠା-୭)

## ମାଟ୍ରିକ ପରୀକ୍ଷା ପାଇଁ ଅନ ଲାଇନ ଫର୍ମ ପୂରଣ ଆରମ୍ଭ

ଭୁବନେଶ୍ୱର, ୧।୧୧ (ସକାଳ ଖବର) : ୨୦୧୮ ମସିହା ମାଟ୍ରିକ ପରୀକ୍ଷା ପାଇଁ ବୁଧବାର ଦିନ ଅନ ଲାଇନ ଫର୍ମ ପୂରଣ ଆରମ୍ଭ ହୋଇଛି। ମାଧ୍ୟମିକ ଶିକ୍ଷା ବୋର୍ଡର ବେବସାଇଟକୁ ଯାଇ ଛାତ୍ର ଛାତ୍ରୀ ମାନେ ଅନଲାଇନ ଫର୍ମ ପୂରଣ କରି ପାରିବେ । ଆସନ୍ତା ୧୬ ତାରିଖ ଦିନ ରାତି ୧୧.୪୫ ଯାଏ ଫି ଦାଖଲ କରାଯାଇ ପାରିବ । ସେହିପରି ୧୬ ତାରିଖ ସୁଦ୍ଧା ଫି ଦାଖଲ କରିଥିବା ଛାତ୍ର ଛାତ୍ରୀ ମାନେ ୧୭ ତାରିଖ ଯାଏ ଫର୍ମ ପୂରଣ କରି ପାରିବେ । ମିଳିଥିବା ସୂଚନା ଅନୁସାରେ ଫାଇନ ଦେଇ ଛାତ୍ର ଛାତ୍ରୀ ମାନେ ୨୧ ନଭେମ୍ବର ଯାଏ ଫି ଦାଖଲ କରି ପାରିବେ । ସେହିପରି ୨୨ ତାରିଖ ମଧ୍ୟରାତ୍ରୀ ଯାଏ ସେମାନେ ଫର୍ମ ଦାଖଲ କରି ପାରିବେ । ମରୁଡି ପ୍ରଭାବିତ ଜିଲ୍ଲା ମାନଙ୍କରେ ଫର୍ମ ପୂରଣ ଦୁଇ ଦିନ ପରେ ଆରମ୍ଭ ହେବ ବୋଲି ବୋର୍ଡ ସୂତ୍ରରୁ ପ୍ରକାଶ ।

## ଘରେ ପଶିଲା ୧୨ଫୁଟ୍‌ର କୁମ୍ଭୀର

### ଜଳ ଭଣ୍ଡାରରେ ଛାଡ଼ିଲା ବନବିଭାଗ

ମାଲକାନଗିରି,୧।୧୧ (ସକାଳ ଖବର) : ମାଲକାନଗିରି ବ୍ଲକସ୍ଥ ମୁନୁସା ଆଦିବାସୀ ଗ୍ରାମରେ ଏକ ବୃହତ କୁମ୍ଭୀର ପ୍ରବେଶ କରି ଜଣଙ୍କ ଘର ବାରଣ୍ଡାରେ ଶୋଇଥିବାର ଦେଖି ଗ୍ରାମବାସୀ ମାନେ ଭୟ ଓ ଆତଙ୍କିତ ହୋଇପଡିଛନ୍ତି । ସତିଗୁଡା ଜଳଭଣ୍ଡାରରୁ ବାହାରି ପ୍ରାୟ ୧୨ଫୁଟରୁ ଉର୍ଦ୍ଧ ଲମ୍ବ ଓ ୫୦୦କେଜି ଓଜନର ଏକ ବୃହତ କୁମ୍ଭୀର ଖାଦ୍ୟ ଅନ୍ୱେଷଣରେ ଜଳଭଣ୍ଡାର ନିକଟସ୍ଥ ଏକ କିମି ଦୂର ରେ ଥିବା ମନୁସା ଗ୍ରାମକୁ ପଳାଇଥିଲା । ସେହିଗ୍ରାମର ଦଶରଥ ମାଡକାମି ଆଜି ଭୋର ତିନିଟା ବେଳେ ନିଜ କୋଠରୀରୁ ଉଠି ପିଲାମାନେ ଶୋଇଥିବା କୋଠରୀକୁ ଯାଇ ସକାଳୁ ପାଠପଢିବା ପାଇଁ ଡାକିଥିଲେ,ସେ କୋଠରୀକୁ ଗଲାବେଳକୁ ଘର ବାରଣ୍ଡାରେ ଅନ୍ଧାରରେ ଏକ କାଠଗଡ ରହିଲା ପରି କଣଗୋଟିଏ ଦେଖି ଟର୍ଚଲାଇଟ ମାରିଥିଲେ,ଟର୍ଚଲାଇଟର ଆଲୋକ କୁମ୍ଭୀର ଉପରେ ପଡିବାରୁ ସେ ଶୋଇବା ସ୍ଥାନରୁ କଡ ଲେଉଟାଇଥିଲା । ଏହା ଦେଖି ଦଶରଥ ଡରିଯାଇ ଗାଁ ଲୋକଙ୍କୁ ଡାକପକାଇଥିଲେ । କଣ ହେଲା ବୋଲି ଗ୍ରାମବାସୀ ମାନେ ସେଠାରେ ପହଁଚି ଯାହା ଦେଖିଲେ ସେଥିରେ ସମସ୍ତେ ଭୟଭିତ ହୋଇ କଣ କରିବେ ବୋଲି ଚିନ୍ତାରେ ପଡି ଯାଇଥିଲେ ।କେତେଜଣ ସାହାସି ଯୁବକ କୁମ୍ଭୀରଟିକୁ ଗୋଡାଇବାରୁ ସେ ହଟି ନଥିଲା । ଘର ଭିତରେ ଦଶରଥଙ୍କ ଦୁଇ ଝିଅ ଶୋଇଥିବାରୁ ସେମାନେ କିପରି ଘରୁ ଉଦ୍ଧାର ହେବେ ଭାବି ଗାଁ ଲୋକମାନେ ଘରର ଆଜବେଷ୍ଟ ଛପର (ପୃଷ୍ଠା-୭)

## ଇଡି ଅଧିକାରୀଙ୍କୁ ହଇରାଣ ନକରିବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ, ୧।୧୧ : ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ପ୍ରବର୍ତନ ନିର୍ଦ୍ଦେଶାଳୟର ଅଧିକାରୀ ରାଜେଶ୍ୱର ସିଂ। ଟୁଜି ସ୍କେକ୍ଟ୍ରମ ମାମଲାର ଯାଂଚ କରୁଥିବା ଅଧିକାରୀ ରାଜେଶ୍ୱର ସିଂଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ କେନ୍ଦ୍ର ସରକାର, ପ୍ରବର୍ତନ ନିର୍ଦ୍ଦେଶାଳୟ ଓ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ରାଜେଶ୍ୱର ଏବେ କିର୍ତୀ ଚିଦାମ୍ବରମ୍‌ଙ୍କ ବିରୁଦ୍ଧ ଏୟାରସେଲ ଓ ମେକ୍ସିସ୍ ମଧ୍ୟରେ ହୋଇଥିବା ବୁଝାମଣା ପ୍ରସଙ୍ଗରେ ତଦନ୍ତ କରୁଛନ୍ତି। କିନ୍ତୁ ସିବିଆଇ ପ୍ରବର୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ତାଙ୍କ ବିରୁଦ୍ଧରେ ବିଭିନ୍ନ ଆଧାରହୀନ ଅଭିଯୋଗ ଆଣୁଛନ୍ତି। ପୂର୍ବରୁ ଏପରି ଅଭିଯୋଗ ଆଣିଥିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି ପ୍ରମାଣ ମିଳିନଥିବା ସେ ତାଙ୍କ ପିଟିସନରେ ଦର୍ଶାଇଛନ୍ତି। ତାଙ୍କୁ ହଇରାଣ କରିବା ପାଇଁ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଏପରି କରାଯାଉଥିବା କହିଛନ୍ତି ରାଜେଶ୍ୱର।

## ଜିଲ୍ଲା ବିଦ୍ୟାଳୟରେ ସମୂହ ଖୋ-ଖୋ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା






ଭଦ୍ରକ ୧।୧୧(ସକାଳଖବର):- ଭଦ୍ରକ ଜିଲ୍ଲା ସ୍କୁଲ ପରିସର ମଧ୍ୟରେ ଭଦ୍ରକ ଜିଲ୍ଲାର ୭ ଗୋଟି ବ୍ଲକରୁ ବାଳକ ଓ ବାଳିକା ଉଭୟ ବିଭାଗର ୧୭୨ ଜଣ ପ୍ରତିଯୋଗୀ ଓ ପ୍ରତିଯୋଗିନୀ ଅଂଶଗ୍ରହଣ କରିଥିଲେ। ଉକ୍ତ କ୍ରୀଡାଟିକୁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ରଂଜନ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କ୍ରୀଡାଟିକୁ ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଜଗବନ୍ଧୁ ସାହୁ ମହୋଦୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ଭଦ୍ରକ ଜିଲ୍ଲା ଶାରୀରିକ ଶିକ୍ଷା ନିରିକ୍ଷକ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମହାରାଜ ସମ୍ମାନତି ଅତିଥି ଭାବରେ ଯୋଗଦାନ କରିଥିଲେ। ବାଳକ ବିଭାଗରେ ଧାମନଗର ବ୍ଲକ ଚମ୍ପିୟାନ ଓ ଭଦ୍ରକ ବ୍ଲକ ରନରସ୍‌ଅପ୍ ହୋଇଥିଲେ ଓ ବାଳିକା ବିଭାଗରେ ଧାମନଗର ଚମ୍ପିୟାନ ଓ ଭଦ୍ରକ ବ୍ଲକ ରନରସ୍‌ଅପ୍ ହୋଇଥିଲେ ହୋଇଥିଲେ। ଏଥିମଧ୍ୟରୁ ରାଜ୍ୟ ସ୍ତରୀୟ ଖେଳକୁ ୧୨ ଜଣ କରି ଉଭୟ ବିଭାଗରୁ ମନୋନୀତ ହୋଇଥିଲେ। ଉକ୍ତ ଖେଳକୁ ରାଜେନ୍ଦ୍ର ପ୍ରସାଦ ନାୟକ, ବୃନ୍ଦାବନ ମହାନ୍ତି, ଡଲିରାଣୀ ଦାସ, କିଶୋର କୁମାର ଦାଶ, ଅମୂଲ୍ୟ ମହାପାତ୍ର, ତପନ କୁମାର ମିଶ୍ର, ରମେଶ କୁମାର ଚୌଧୁରୀ, ନାରାୟଣ ଚନ୍ଦ୍ର ନାୟକ ପରିାଳନା କରିଥିଲେ। ଶେଷରେ ଶ୍ରୀ ହେମନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## କେରଳରେ ବାମପନ୍ଥୀଙ୍କ ଦମନ ଲୀଳାକୁ ଏବିଭିପିର ନିନ୍ଦା




ବାଲେଶ୍ୱର,୧।୧୧(ସକାଳଖବର): ବାମପନ୍ଥୀ ଦଳଙ୍କ ପକ୍ଷରୁ କେରଳରେ ଦୀର୍ଘଦିନ ଧରି ଚାଲିଥିବା ନରସଂହାରକୁ ନିନ୍ଦା କରିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)। ଏହି ପରିପ୍ରେକ୍ଷୀରେ ଏବିଭିପିର ବାଲେଶ୍ୱର ଶାଖା ପକ୍ଷରୁ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଫକୀର ମୋହନ ସ୍ୱୟଂଶାସିତ ମହାବଦ୍ୟାଳୟ ଓ କେକେଏସ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଆଜି ଅନୁଷ୍ଠିତ ହୋଇଯାଇଛି। ଜ୍ୟୋତିର୍ମୟ ନାୟକ ଓ ସୌମ୍ୟାସରୂପା ଦାସଙ୍କ ନେତୃତ୍ୱରେ ଦୁଇ କଲେଜ୍ ଗେଟ୍ ସମ୍ମୁଖରେ ଏହି ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। କେରଳ ସରକାରଙ୍କ ସ୍ଥାଣୁତା ଯୋଗୁଁ କେରଳରେ ଏହି ହିଂସା ବୃଦ୍ଧି ପାଇଥିବା ଛାତ୍ରନେତାମାନେ ପ୍ରକାଶ କରିଥିଲେ। ଏନେଇ ଏବିଭିପି କେନ୍ଦ୍ରୀୟ ଶାଖାର ନିଷ୍ପତି କ୍ରମେ ଆସନ୍ତା ୧୧ ତାରିଖରେ ‘କେରଳ ଚାଲ’ ଅଭିଯାନକୁ ସଫଳ କରିବା ପାଇଁ ସେମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କେରଳର ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନଙ୍କ କୁଶପୁତ୍ତଳିକାକୁ ଏବିଭିପି ସଦସ୍ୟ ସଦସ୍ୟାମାନେ ଦାହ କରିଥିଲେ।

## ବୈତରଣୀରୋଡ ରେଲୱେ ଓଭରବ୍ରିଜ ସମ୍ପ୍ରସାରଣ ଦାବି

କୋରାଇ, ୧।୧୧(ସକାଳଖବର): କୋରାଇ ଥାନା ଅନ୍ତର୍ଗତ ବୈତରଣୀରୋଡ ରେଳ ଷ୍ଟେସନର ଓଭରବ୍ରିଜକୁ ଆଉ ଗୋଟିଏ ଲାଇନ ବୃଦ୍ଧି କରିବାକୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଅଦ୍ୟାବଧି ତାହା ପୂରଣ ହୋଇପାରିଲା ନାହିଁ । କେବଳ ଯାତ୍ରୀମାନଙ୍କ ପାଇଁ ଫୁଟ ଓଭରବ୍ରିଜ ନିର୍ମାଣ କରାଯାଇଥିବାବେଳେ ମାଲବାହୀ ଟ୍ରେନ ଆସୁଥିବା ଲାଇନରେ ଓଭରବ୍ରିଜ କରାଯାଇ ନାହିଁ । ଫଳରେ ଲୋକଙ୍କୁ ଟ୍ରେନ ଲାଇନ ପାର ହେବା ବା ଟ୍ରେନ ଛିଡା ହୋଇଥିବାବେଳେ ତାମଧ୍ୟରେ ଗଳି ପାର ହେବାକୁ ପଡିଥାଏ । ସୋମବାର ରାତ୍ରୀରେ ଏକ ମାଲବାହୀ ଟ୍ରେନ ଛିଡା ହୋଇଥିବାବେଳେ ଗୌରପୁର ପଂଚାୟତର ନୟାହାଟପାଟଣା(ବରପାଟଣା) ଗ୍ରାମର ଜୟରାମ ନାୟକଙ୍କ ପୁଅ ପ୍ରଦୀପ ଓରଫ ସଂଜୟ(୪୪) ଶୌଚପାଇଁ ଟ୍ରେନ ତଳେ ଗଳି ସେପଟକୁ ଯାଉଥିବାବେଳେ ହଠାତ ଟ୍ରେନଟି ଗଡିବାରୁ ତାର ଏକ ଗୋଡ ଚକାରେ ଲାଗି କଟିଯାଇଥିଲା । ବହୁ ବୁଦ୍ଧି ଖଟାଇ ସେ ନିଶ୍ଚିନ୍ତ ମୃତ୍ୟୁରୁ ରକ୍ଷା ପାଇଥିଲେ । ବୈତରଣୀରୋଡ ଦମକଳବାହିନୀ ସହାୟତାରେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିବାବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏପଟେ ଫ୍ଲାଏ ଓଭରବ୍ରିଜକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତୁରନ୍ତ ଷ୍ଟେସନର ଫ୍ଲାଏ ଓଭରବ୍ରିଜକୁ ସମ୍ପ୍ରସାରଣ କରିବାକୁ ଦାବି ହୋଇଛି ।

## ପାଣିକୋଇଲିରେ ଆନ୍ତଃ କଲେଜ ପୁରୁଷ କବାଡି ପ୍ରତିଯୋଗିତା

କୋରାଇ, ୧।୧୧(ସକାଳଖବର): ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା କଲେଜର ୨ଦ୍ୱିବସୀୟ ଆନ୍ତଃ କଲେଜ ପୁରୁଷ କବାଡି ପ୍ରତିଯୋଗିତା ପାଣିକୋଇଲି ମା ତାରିଣୀ ମହାବିଦ୍ୟାଳୟ ଆୟୋଜନ କ୍ରମେ ମଙ୍ଗଳବାର ଉଦଘାଟିତ ହୋଇଛି । ୨୧ଟି କଲେଜ ଏହି ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦଳାଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପ୍ରଥମ ଦିବସରେ ଉଦଘାଟନୀ ମ୍ୟାଚ ଜିସି କଲେଜ ବରୀ ବନାମ ମହାପୁରୁଷ ହାଡିଦାସ କଲେଜ ଛତିଆ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ବରୀ ବିଜୟ ଲାଭ କରିଥିଲା । ଏଚଏନଏସ କଲେଜ ଚାନ୍ଦୋଳ ବନାମ ବିଆରଏମ ଢେଙ୍କାନାଳ, ବ୍ରହ୍ମଣୀ କଲେଜ ପଟାମୁଣ୍ଡାଇ ବନାମ ଏସଏନ କଲେଜ ରାଜକନିକା, କେନ୍ଦ୍ରାପଡା ଇଭିଂଗ କଲେଜ ବନାମ ଏସଜେ ନାଉଗାଁ ହାଟ, ବିଏସ କଲେଜ ନୂଆହାଟ ବନାମ ଝୁଣଭଦ୍ରା କଲେଜ, ବିବି ମହାବିଦ୍ୟାଳୟ ଚଣ୍ଡିଖୋଲ ବନାମ ବ୍ୟାସନଗର ଯାଜପୁରରୋଡ, କେସି ମହାବିଦ୍ୟାଳୟ କୋରାଇ ବନାମ ୟୁଏନଏସ କଲେଜ ମୁଗୁପାଳ, ମଧୁପୁର କଲେଜ କଲଣ, ବନାମ ଚିତାଳ କଲେଜ, ବରୁଣେ୍ୱର କଲେଜ ବନାମ ଧର୍ମଶାଳା କଲେଜ ତିଗିରିଆ କଲେଜ ବନାମ ଖରସ୍ରୋତା ମହାବିଦ୍ୟାଳୟ ମଧ୍ୟରେ ଖେଳ ହୋଇଅଛି । ଆଜିର ମ୍ୟାଚରେ ବରୀ କେନ୍ଦ୍ରାପଡା, ଝୁଣଭଦ୍ର କଲେଜ କ୍ୱାଟର ଫାଇନାଲକୁ ଯାଇଛନ୍ତି । ଏହି ମ୍ୟାଚକୁ କୃଷ୍ଣକାନ୍ତ ପର୍ଡା, ସୁରେଶ ସାହୁ, ଜୟରାମ ମାଝୀ, ମନସ୍ୱନୀ ସାହୁ ଓ ରମେଶ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ । ପାଣିକୋଇଲି କଲେଜର ସମସ୍ତ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ, ଛାତ୍ର/ଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

## ଡାକ୍ତର କାଳୀପଦ ଭଟ୍ଟାଚାର୍ଯ୍ୟଙ୍କ ପରଲୋକ



ବାଲେଶ୍ୱର,୧।୧୧(ସକାଳଖବର): ବାଲେଶ୍ୱର ସହରରେ ହୋମିଓପାଥିକ୍ ଚିକିତ୍ସା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ଡାକ୍ତର ତଥା ସମାଜସେବୀ କାଳୀପଦ ଭଟାଚାର୍ଯ୍ୟଙ୍କର ଆଜି ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ଦୀର୍ଘଦିନ ଧରି ରୋଗରେ ପୀଡ଼ିତ ହେବା ସହ ସେ ଆପୋଲ ହସପିଟାଲରେ ଚିକିତ୍ସିତ ଥିଲେ। ଗତକାଲି ୬ ଦିନ ପୂର୍ବରୁ ପରିବାର ଲୋକେ ତାଙ୍କୁ ହସପିଟାଲରୁ ଘରକୁ ନେଇ ଆସିଥିଲେ। ଆଜି ସକାଳ ପ୍ରାୟ ୬ଟା ୩୦ ସମୟରେ ତାଙ୍କର ଦେହାନ୍ତ ହୋଇଥିଲା। ମୃତ୍ୟୁ ଖବର ପାଇ ସହରର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ପରେ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ନୁଣିଆଯୋଡ଼ିସ୍ଥିତ ମୁକ୍ତିଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ମାନବ ଭଟାଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ। ୧୯୪୮ ମସିହା ଜାନୁଆରୀ ୨୬ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ଶିକ୍ଷାଗ୍ରହଣ ପରେ ହୋମିଓପାଥିକ୍ ଚିକିତ୍ସା ସାଙ୍ଗକୁ ସମାଜସେବାକୁ ସେ ନିଜର କାର୍ଯ୍ୟକ୍ଷେତ୍ର ଭାବେ ଗ୍ରହଣ କରିଥଲେ। ବିଭିନ୍ନ ଅନୁଷ୍ଠାନ ଏବଂ ସଂଗଠନ ସହ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ଜଡ଼ିତ ରହି ସେ ସମାଜ କ୍ଷେତ୍ରରେ ବେଶ୍ ଖ୍ୟାତି ଅର୍ଜନ କରିଥଲେ। ବିଶେଷ କରି ବାଲେଶ୍ୱର ସହରରେ ମୃତ୍ୟୁ ବରଣ କରୁଥିବା ବ୍ୟକ୍ତିଙ୍କ ଶବ ସଂସ୍କାର କରିବାର ନିଆରା ନିଶା ତାଙ୍କୁ ଅଧିକ ଚର୍ଚ୍ଚିତ କରିଥିଲା। ଜୀବନକାଳ ମଧ୍ୟରେ ଶହସ୍ରାଧିକ ଶବ ସଂସ୍କାର କରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଆଜି ତାଙ୍କର ଶେଷକୃତ୍ୟ ସମ୍ପନ୍ନ ବେଳେ ନୁଣିଆଯୋଡ଼ି ଶ୍ମଶାନ ବେଶ ଲୋକାରଣ୍ୟ ହୋଇଯାଇଥିଲା। ଜଣେ ପରୋପକାରୀ, ଧର୍ମ ପରାୟଣ ମେଳାପୀ ମଣିଷ ଭାବେ ତାଙ୍କର ପରଲୋକରେ ବିଭିନ୍ନ ଅନୁଷ୍ଠାନ ସମେତ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି।

## ୩ଦିନ ପରେ ଶେଷ ହେବ ହବିଷ ବ୍ରତ

ପୁରୀ,୧।୧୧(ସକାଳଖବର): ଶିବିରରେ ଚାଲିଛି ଚଉରା ପୂଜା। ଶେଷ ହେବାକୁ ଯାଉଛି ମହାକାର୍ତ୍ତିକ ବ୍ରତ। ଦୀର୍ଘ ୧ମାସ ଧରି ହବିଷ୍ୟାଳୀମାନେ ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳନ କରୁଛନ୍ତି। ଚଉରା ପୂଜା ସହ ମହାପ୍ରଭୁଙ୍କ ଦେବ ଦର୍ଶନ, କାର୍ତ୍ତିକ ପୂରାଣ ଶ୍ରବଣରେ ବିତୁଛି ହବିଷ୍ୟାଳୀଙ୍କ ଦିନ। ହବିଷ୍ୟାଳୀ ଶିବିରଗୁଡିକରେ ଭିଡ ଜମିଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ହବିଷ୍ୟାଳୀମାନେ ଶିବିରରେ ରହି ହବିଷ ବ୍ରତ କରିବା ସହ ରାଇ ଦାମୋଦର ପୂଜା କରୁଛନ୍ତି। ଏକାଦଶୀ ତିଥିରୁ ପଞ୍ଚୁକ ଆରମ୍ଭ ହୋଇଥିବା ବେଳେ ଏଥିପାଇଁ ଶିବିର ଗୁଡିକରେ ଚଉରା ମୂଳେ ହବିଷ୍ୟାଳୀମାନେ ଲକ୍ଷ୍ମୀ ନାରାୟଣଙ୍କ ପୂଜାର୍ଚ୍ଚନା କରିବା ସହ କୋଳୀ ବିକା ଗୀତଗାଇ ହବିଷ ପାଳନ କରୁଛନ୍ତି। ସହରର ତିନୋଟିଯାକ ଶିବିରରେ ରହି ଓଡିଶାର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ହବିଷ୍ୟାଳୀମାନେ ଏହି ଧର୍ମ ମାସରେ ହବିଷ କରୁଛନ୍ତି। ପ୍ରତ୍ୟୁଷରୁ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଓ ମହୋଦଧିରେ ସ୍ନାନ କରି ଚଉରା ପୂଜା କରୁଛନ୍ତି। ଅପରାହ୍ନରେ ମହାପ୍ରସାଦ ସେବନ ସହ ସନ୍ଧ୍ୟାରେ କାର୍ତ୍ତିକ ମାହାତ୍ମ୍ୟ ପୁରାଣ ପଢି ହବିଷ୍ୟାଳୀମାନେ ଅତ୍ୟନ୍ତ ଖୁସିରେ ଦିନ କାଟୁଛନ୍ତି। ପ୍ରଶାସନ ପକ୍ଷରୁ ଏଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସ୍ଥାନରୁ ଆସିଥିଲେ ମଧ୍ୟ ହବିଷ୍ୟାଳୀମାନେ ଶିବିରରେ ଗୋଟିଏ ପରିବାର ଭଳି ଚଳୁଛନ୍ତି। ଶିବିରଗୁଡିକରେ ସାମାନ୍ୟ କିଛି ସମସ୍ୟାକୁ ବାଦ୍ ଦେଲେ ସବୁ ଠିକ୍‌ଠାକ୍ ରହିଛି। ଜଗନ୍ନାଥ ବଲ୍ଲଭ ମଠ ଶିବିରରେ ହବିଷ୍ୟାଳୀମାନେ ବେଶ୍ ଆନନ୍ଦରେ ଦିନ କାଟୁଛନ୍ତି। ଆଉ ମାତ୍ର ୩ଦିନ ପରେ ଯେ ଯାହା ଘରକୁ ଫେରିବେ। ସାଙ୍ଗରେ ସାଉଣ୍ଟି ନେବେ ଆନନ୍ଦ ଓ ଧର୍ମ ପୁଣି ଗୋଟିଏ ବର୍ଷ ପରେ ଦେଖା ହେବାର ପ୍ରତିଶ୍ରୁତି ଦେଇ ହବିଷ୍ୟାଳୀମାନେ ଘର ବାହୁଡା ପାଇଁ ପ୍ରସ୍ତୁତ ହେଉଛନ୍ତି।

## ମହିଳାମାନେ ଆତ୍ମ ସଚେତନ ଓ ଆତ୍ମ ନିର୍ଭରଶୀଳ ହେଲେ ସମାଜ ବଦଳିଯିବ

ପୁରୀ,୧।୧୧(ସକାଳଖବର):ମହିଳାମାନେ ସମାଜର ଅର୍ଦ୍ଧାଧିକ ସମ୍ପତ୍ତି। ମହିଳାମାନଙ୍କର ଜୀବନଶୈଳୀରେ ଉନ୍ନତି ହେଲେ ସମାଜର ବିକାଶ ସମ୍ଭବ। ସବୁ ବିକାଶର ଚାବି କାଠି ଆତ୍ମ ଚିନ୍ତନ, ଆତ୍ମ ସଚେତନତା ଓ ଆତ୍ମ ନିର୍ଭରଶୀଳତା ବୋଲି ପୁରୀର ସାମାଜିକ ଅନୁଷ୍ଠାନ ମିରର ଦ୍ୱାରା ଆୟୋଜିତ ଦୁଇ ଦିନିଆ କର୍ମଶାଳାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାଷା ସୁରକ୍ଷା ସମ୍ମିଳନୀର ଆବାହକ ଦିଗମ୍ବର ବେହେରା ମତବ୍ୟକ୍ତ କରିଛନ୍ତି। ସଞ୍ଜୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସହରର ଆଗ୍ରହୀ ମହିଳା ଗୋଠୀର ୫୦ଜଣ ନେତୃ ସ୍ଥାନୀୟ ମହିଳାଙ୍କୁ ମିରର୍ ଅନୁଷ୍ଠାନ ତରଫରୁ ମହିଳାମାନଙ୍କର ଜୀବନ ଜୀବିକା ଉପରେ ଆୟୋଜିତ କର୍ମଶାଳାକୁ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଜୟଶଙ୍କର ଯୋଶୀ ଉଦ୍‌ଘାଟନ କରି ସ୍ୱାବଲମ୍ବନୀ ହିଁ ଉନ୍ନତିର ପରିଭାଷା ବୋଲି କହିଥିଲେ। ମାନବ ଅଧିକାର କର୍ମୀ ରମାଶଙ୍କର ପାତ୍ର ଯୋଗଦେଇ ମହିଳାମାନଙ୍କର ନ୍ୟାୟିକ ସେମାନଙ୍କର ସାମ୍ବିଧାନିକ ଓ ନ୍ୟାୟିକ ଅଧିକାର ଉପରେ ସଚେତନତା ହେଲେ ସେମାନେ ସମାଜରେ ଘଟୁଥିବା ବିଭିନ୍ନ ଘରୋଇ ହିଂସା ଓ ନିର୍ଯାତନାକୁ ସଫଳତାର ସହିତ ମୁକାବିଲା କରିପାରିବେ ବୋଲି କହିଥିଲେ। ନେହେରୁ ଯୁବ କେନ୍ଦ୍ର, ଜାତୀୟ ଯୁବ ପ୍ରକଳ୍ପ ଓ ଫୋର୍ସ ସଂସ୍ଥା ସହଯୋଗ ପ୍ରଦାନ କରିଥିଲେ। କାଯର୍‌ୟକ୍ରମକୁ ପ୍ରଜ୍ଞା ଶୁଭମିତା ପ୍ରତିହାରୀ, ରାକେଶ କମାର ଜେନା, କବିତା ଷଡଙ୍ଗୀ, ସମୀର ପଟ୍ଟନାୟକ, ବିଳାସିନୀ ମହାନ୍ତି, ଛବିନ ପଟ୍ଟନାୟକ, ସୁମିତ୍ର ନାୟକ ପ୍ରମୁଖ କର୍ମଶାଳା ପରିଚାଳନା କରିଥିଲେ। ସାମାଜିକ କର୍ମୀ ସନ୍ଦିପ କର୍ମକାର ଧନ୍ୟବାଦ ଅର୍ପଣ କରିଥିଲେ।

## କାକା-ଝିଆରୀଙ୍କ ସନ୍ଦେହଜନକ ମୃତ୍ୟୁ





ବାଲେଶ୍ୱର,୧।୧୧(ସକାଳଖବର): କଷାଫଳ ମେରାଇନ୍ ଥାନା ଅର୍ନ୍ତଗତ ପଶ୍ଚିମ ବାହାବଳପୁର ଅଞ୍ଚଳର ଏକ ପରିବାରର କାକା ଓ ଝିଆରୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଅଭିଯୋଗ ହେଉଛି । ମୃତକ ଦୁଇଜଣ ହେଲେ ପରମାନନ୍ଦ ମୂଳା ଏବଂ ଆରତୀ ମୂଳା। ମଙ୍ଗଳବାର ବଡି ଭୋରରୁ ହଳଦୀପଦା ରେଳେଷ୍ଟସନ ନିକଟ ଏକ ବିଲରେ ଏହି ଦୁଇ ଜଣ ଗୁରୁତର ଅବସ୍ଥାରେ ପଡିଥିବା ଲୋକେ ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ହୋଇଥିବା ପୁଲିସ ପ୍ରକାଶ କରିଛି। ବିଷ ପିଇବା ଯୋଗୁଁ ଏମାନଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପାରିବାରିକ କଳହ ପାଇଁ ସେମାନେ ବିଷ ପିଇଥିବା ପଡ଼ୋଶୀମାନେ ସୂଚନା ଦେଇଛନ୍ତି। ଉଭୟଙ୍କ ମଧ୍ୟରେ ଥିବା ଅବୈଧ ସମ୍ପର୍କକୁ ନେଇ ଦାମ୍ପତ୍ୟ ଜୀବନରେ ଫାଟ ଦେଖାଯିବା ସହିତ ଶେଷରେ ଲୋକଅପବାଦ ପାଇଁ ସେମାନେ ଆତ୍ମହତ୍ୟା କରିଥିବା କୁହାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବଏଲର...

ଲକ୍ଷ୍ନୌ କମିଶନର ଓ ଆଇଜି ମଧ ଘଟଣାସ୍ଥଳରେ ପହଁଚି ସାରିଲେଣି । ଆହତଙ୍କ ଚିକିତ୍ସା ପାଇଁ ଲକ୍ଷ୍ନୌର କେଜିଏମୟୁରେ ଭର୍ତ୍ତି କରାଯାଇଛି ।

### ଭେଣ୍ଟିଲେଟରରୁ ...

ଉଭୟଙ୍କ ଅବସ୍ଥା ସ୍ଥିର ରହିଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଦିଲ୍ଲୀସ୍ଥିତ ଏମସ୍ ଠାରେ ଚିକିତ୍ସାଧୀନ ଥିବା କନ୍ଧମାଳର ଯୋଡାମୁଣ୍ଡ ଶିଶୁ ଜଗା-କାଳିଆଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରୋପଚାର କରାଯିବା ପରେ ଗତ ୨୫ ତାରିଖରେ ଅଲଗା କରାଯାଇଥିଲା ।

### ଖୋଲିଲା ...

ଛାତ୍ରଛାତ୍ରୀ ମଧ୍ୟ ଶିମିଳିପାଳ ବୁଲି ଦେଖିଛନ୍ତି । କାଳିଆପାଣି ଓ ପିଟାବଟା ଗେଟ୍ ଦେଇ ପର୍ଯ୍ୟଟକମାନେ ଅଭୟାରଣ୍ୟ ଭିତରକୁ ଯାଇପାରିବେ। ଅନ୍ୟପକ୍ଷରେ ବାଲେଶ୍ୱର ଜିଲ୍ଲାର କୁଳଡିହା ଅଭୟାରଣ୍ୟ ମଧ୍ୟ ବୁଧବାର ଠାରୁ ଖୋଲିଛି ।

### ଦୁର୍ଘଟଣା...

ଗୁରୁତର ହେବା କାରଣରୁ ତାଙ୍କୁ କଟକର ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଭର୍ତୀ କରାଯାଇଥିବା ଜଣା ପଡିଛି । ଗତକାଲି ବିଳମ୍ବିତ ରାତ୍ରୀରେ ଏହି ଦୁର୍ଘଟଣା ଘଟିଥିବା ଜଣା ପଡିଛି । ଦୁର୍ଘଟଣାର ପ୍ରକୃତ କାରଣ ଜଣା ପଡି ନ ଥିଲେ ସୁଦ୍ଧା ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ବସ ଚାଳକ ନିୟନ୍ତ୍ରଣ ହରାଇ ପିକ ଅପ ଭ୍ୟାନକୁ ଧକ୍କା ଦେଇ ଥିଲା । ଏହି ମାମଲାରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

### ଗୋଲକଙ୍କୁ ...

ବ୍ରାନ ରେକର୍ଡ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ପୋଲିସ୍ ଗୋଲକଙ୍କୁ ପ୍ରାୟ ଏକ ଘଂଟା ପାଇଁ ପଚରାଉଚରା କରାଯାଇଥିଲା । ଥାନାରେ ଅତିରିକ୍ତ ଏସପି ଓ ଏସଡିପିଓ ଉପସ୍ଥିତିରେ ଗୋଲକଙ୍କୁ ଜେରା କରାଯାଇଥିଲା । ୨ ଘଂଟାର ବିରତି ପରେ ପୁଣି ଥରେ ତାଙ୍କୁ ୨ ଘଂଟା ଜେରା କରାଯାଇଥିଲା ।

### ଘରେ ପଶିଲା ...

ଖୋଲିଦେଇ ଘର ଛାତଉପରୁ ସିଡିରେ ଯାଇ ଦୁଇ ଝିଅଙ୍କୁ ଉଦ୍ଧାର କରିଥିଲେ । ଗ୍ରାମବାସୀଙ୍କ ଉପସ୍ଥିତ ବୃଦ୍ଧି ଯୋଗୁଁ ଘରେ ଶୋଇଥିବା ଦୁଇ ଭଉଣୀ କୁମ୍ଭୀର ପାଟିରୁ ବର୍ତି ଯାଇଛନ୍ତି । କିଛି ଯୁବକ କୁମ୍ଭୀର ଟିକୁ କୌଶଳ କରି ଘରୁ ବାହରକୁ ନେଇ ଏକ ଗଛରେ ବାନ୍ଧିପକାଇ ବନବିଭାଗକୁ ଜଣାଇଥିଲେ । ମାଲକାନଗିରି ବନଖଣ୍ଡିୟ ଅଧିକାରୀ ସମ୍ରାଟଗୌଡା ଙ୍କ ନିର୍ଦ୍ଦେଶ କ୍ରମେ ବନବିଭାଗ ରେଜଂଅଫିସର ବାସୁଦେବ ନାୟକଙ୍କ ନେତୃତ୍ୱରେ ବନପାଳ ରମେଶଚନ୍ଦ୍ର ରାଉତ,ସମରାଖରା,ବନରକ୍ଷୀ ମୁରଲିଧର ମହାରଣା,ଦିପ୍ତିରଜଂନନାୟକ, ରବିନ୍ଦ୍ରଖଣ୍ଡୁଆଳ ପ୍ରମୁଖ ବନବିଭାଗ କର୍ମଚାରି ମାନେ ମନୁସା ଗ୍ରାମକୁ ଯାଇ ଏକ ସ୍ୱତନ୍ତ୍ର ଗାଡିରେ କୁମ୍ଭୀରଟିକୁ ଉଦ୍ଧାର କରି ଆଣିଥିଲେ । ସତିଗୁଡା ଜଳ ଭଣ୍ଡାରଟି ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧହେବ ନିର୍ମାଣ ହୋଇଥିଲେ ମଧ୍ୟ କେବେ ବି ଏହି ପରି ବୃହତ କୁମ୍ଭୀର ଗ୍ରାମବାସୀ ମାନେ ଦେଖିନଥିବାରୁ ଭୟଭିତ ହୋଇପଡିଥିଲେ ।ସତିଗୁଡା ଜଳଭଣ୍ଡାରରେ ସେହି କୁମ୍ଭୀରଟିକୁ ଛାଡିବାକୁ ଗ୍ରାମବାସୀ ମାନେ ବିରୋଧ କରିବାରୁ ଆଜି ସକାଳେ ବନବିଭାଗ ୬୦କିମି ଦୂର ଚିତ୍ରକୋଣ୍ଡା ଠାରେ ଥିବା ବାଲିମେଳା ଜଳଭଣ୍ଡାର ରେ ନେଇ ଛାଡିଛନ୍ତି ।

## ୧୮୦୦ ପାକିସ୍ତାନୀ ଅହମଦୀୟା ମୁସ୍‌ଲିମ ନାଗରିକଙ୍କୁ ମିଳିଲା ଭିସା



ଖୋର୍ଦ୍ଧା : ୧/୧୧(ସକାଳଖବର): ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଶ୍ୱବ୍ୟାପୀ ଅହମଦୀୟା ମୁସଲିମ ସମ୍ପ୍ରଦାୟର ୧୮୦୦ପାକିସ୍ତାନୀ ଅହମଦି ନାଗରିକଙ୍କୁ ପଞ୍ଜାବର ଗୁରୁଦାସପୁର ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଯାଉଥିବା ୧୨୩ତମ ବାର୍ଷିକ ସର୍ବଧର୍ମ ସମ୍ମିଳନୀରେ ଯୋଗଦେବା ପାଇଁ ଅନୁମତି ଦେଇଛନ୍ତି । ଆସନ୍ତା ଡ଼ିସେମ୍ବର ୨୯ ରୁ ୩୧ ପର୍ଯ୍ୟନ୍ତ ଏହି ସର୍ବଧର୍ମ ସମ୍ମିଳନୀ ଚାଲୁରହିବ । ଏଥିରେ ୧୦ ଗୋଟିରୁ ଉର୍ଦ୍ଧ୍ୱ ଦେଶର ଅହମଦୀୟା ମୁସଲିମ ପ୍ରତିନିଧି ଯୋଗଦେବାର ରହିଛି । ତଥା ଏବର୍ଷ ଓଡ଼ିଶାରୁ ୫୦୦ରୁ ଉର୍ଦ୍ଧ୍ୱ ଅହମଦୀୟା ମୁସଲିମ ସମ୍ପ୍ରଦାୟର ନାଗରିକମାନେ ପଞ୍ଜାବ ସର୍ବଧର୍ମ ସମ୍ମିଳନୀରେ ଯୋଗଦେବାର ରହିଛି । ତେବେ ଗତ ବର୍ଷ ଏହି ସର୍ବଧର୍ମ ସମ୍ମିଳନୀରେ ଯୋଗଦେବା ପାଇଁ କୌଣସି ପାକିସ୍ତାନୀ ଅହମଦି ନାଗରିକ ଆସି ପାରିନଥିଲେ । କିନ୍ତୁ ୨୦୧୫ ରେ ୫୦୦୦ ପାକିସ୍ତାନୀ ଅହମଦି ନାଗରିକ ଏଥିରେ ଯୋଗଦେଇଥିଲେ । ଏବେ ଭାରତ-ପାକ୍ ସମ୍ପର୍କରେ ମନମାଳିନ ଥିଲେ ମଧ ପାକିସ୍ତାନୀ ଅହମଦି ନାଗରିକଙ୍କୁ ବାର୍ଷିକ ସର୍ବଧର୍ମ ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ସରକାର ଅନୁମତି ପ୍ରଦାନ କରିଛନ୍ତି । ଏହା ଦ୍ୱାରା ଭାରତ-ପାକ ସମ୍ପର୍କରେ ଅନୁକୁଳ ପରିବେଶ ସୃଷ୍ଟିହେବା ସହିତ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ବୁଦ୍ଧିଜିବୀ ସମାଜରେ ବିବେଚନା କରାଯାଉଛି । ପ୍ରକାଶ ଥାଉ କି ଅହମଦୀୟା ମୁସଲିମ ସମ୍ପ୍ରଦାୟର ନାଗରିକମାନେ ଯେଉଁ ଦେଶରେ ରହିଲେ ବି ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା,ଶୃଙ୍ଖଳିତ ସମାଜ ଗଠନ କରିବା ତଥା ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା କରିବା ପାଇଁ ନିରନ୍ତର ପ୍ରୟାସ କରି ଆସୁଛନ୍ତି । ସେହିଭଳି ୪୩୧ ଜଣ ପାକିସ୍ତାନୀ ନାଗରିକ ବିଶେଷକରି ହିନ୍ଦୁଙ୍କୁ ଭାରତ ସରକାର ଦୀର୍ଘ ମିଆଦି ଭିସା ପ୍ରଦାନ କରିଛନ୍ତି। ଏହାଦ୍ୱାରା ସେମାନେ ପ୍ୟାନ ଓ ଆଧାରକାର୍ଡ଼ ଏବଂ ଡ୍ରାଇଭିଙ୍ଗ ଲାଇସେନ୍ସ ପାଇପାରିବେ । ଏହାଛଡ଼ା ସେମାନେ ଭାରତରେ ଭୂସମ୍ପତି ମଧ କିଣି ପାରିବେ । ବ୍ୟବସାୟ,ବାଣିଜ୍ୟ କରିପାରିବେ । ବ୍ୟାଙ୍କରେ ଆକାଉଂଟ ଖୋଲିପାରିବେ । ସେହିଭଳି କେନ୍ଦ୍ର ସରକାରଙ୍କ ସଦ୍ୟ ନିଷ୍ପତି ଅନୁଯାୟୀ ପାକିସ୍ତାନ, ଆଫଗାନିସ୍ତାନ ଓ ବଂଗଲାଦେଶରେ ସଂଖ୍ୟାଲଘୁ ବୋଲାଉଥିବା ହିନ୍ଦୁ,ଶିଖ, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିୟାନଙ୍କ ମଧ୍ୟରୁ କେତେକ ଭାରତରେ ଦୀର୍ଘ ଦିନ ଧରି ରହି ଆସୁଥିବାରୁ ସେମାନଙ୍କୁ ଦୀର୍ଘ ମିଆଦି ଭିସା ପ୍ରଦାନ କରାଯିବାର ରହିଛି ।

## ବାଙ୍କଚୂଡା ବେଶରେ ରତ୍ନ ସିହଂାସନରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୧।୧୧(ସକାଳଖବର): ପଞ୍ଚୁକର ଦ୍ୱିତୀୟ ଦିବସରେ ବାଙ୍କଚୂଡ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଏଥିପାଇଁ ଶ୍ରୀମନ୍ଦିରରେ ଠାକୁରଙ୍କ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ହେବା ପରେ ଅବକାଶ ପୂଜା ପରେ ଠାକୁରମାନଙ୍କୁ ବାଙ୍କଚୂଡ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶଟି ମହାପ୍ରଭୁଙ୍କର ଦ୍ୱାପର ଯୁଗୀୟ ବେଶ। ଯେତେବେଳେ ଅକ୍ରୂର ଗୋପପୁରକୁ ଯାଇଥିଲେ ରାମକୃଷ୍ଣଙ୍କୁଆଣିବା ପାଇଁ ସେତେବେଳେ ଗୋଜ ଦାଣ୍ଡରେ ରାମକୃଷ୍ଣ ଚୂଡାକୁ ବାଙ୍କ କରି ଖେଳୁଥିଲେ। ସେହି ଦୃଶ୍ୟକୁ ଦେଖି ଅକ୍ରୂର ବିଭୋର ହୋଇ ଯାଇଥିଲେ। ଏହି ବେଶରେ ଠାକୁରଙ୍କ ମସ୍ତକରେ ଲାଗିଥିବା ଚୂଡ ଡାହାଣ ପଟକୁ ଢ଼ଳି ରହିଥାଏ। ଏଥିରେ ସୁନା କିଆ ମଧ ଲାଗିଥାଏ। ଏଥିସହିତ ଠାକୁରଙ୍କ ମସ୍ତକରେ ସୁନାକିଆ ଶୋଭା ପାଇଥାଏ। ଏହି ବେଶରେ ଶ୍ରୀଜଗନ୍ନାଥ ଶଙ୍ଖ ଚକ୍ର ଓ ବଳଭଦ୍ର ହଳ ମୂଷଳ ଧାରଣ କରିଥିଲେ। ଏଥିସହିତ ଠାକୁରମାନେ ଶ୍ରୀଭୁଜ, ଶ୍ରୀପୟର ଧାରଣ କରିଥିଲେ। ଏହି ବେଶରେ ଯିଏ ଠାକୁରଙ୍କୁ ଦର୍ଶନ କରେ ସେ ଅନନ୍ତ କୋଟି ପୂଣ୍ୟଲାଭ କରିଥାଏବୋଲି ମତ ଦିଅନ୍ତି ଗବେଷକ ।

## ହବିଷ୍ୟାଳୀଙ୍କ ଶିବିରରେ ଫଳ ବଣ୍ଟନ

ପୁରୀ,୧।୧୧(ସକାଳଖବର): କାର୍ତ୍ତିକା ହବିଷ୍ୟାଳୀ ଶିବିରରେ ଲାଗିଛି ଗହଳ ଚହଲ। ନୀଳାଚଳ ପାୱାର ନେଟୱାର୍କ ପକ୍ଷରୁ ମଙ୍ଗଳବାର ଦିନ ହବିଷ୍ୟାଳୀ ଶିବିରରେ ହବିଷ୍ୟାଳୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ରେଳ ଷ୍ଟେସନ ପର୍ଯ୍ୟଟକ ପରିସର ଶିବିରରେ ଅପରାହ୍ନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ. ଉଦ୍ଧବ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫଳ ବଣ୍ଟନର ଶୁଭାରମ୍ଭ କରିଥିଲେ, ପ୍ରଶାସନିକ ଅଧିକାରୀ ଗୋପୀନାଥ ମହାପାତ୍ର, ଆଲୋକନାଥ, ନୀଳାଚଳ ।ୱାର ନେଟୱାର୍କର ଅଧ୍ୟକ୍ଷ ରମେଶଚନ୍ଦ୍ର ଶତପଥୀ, ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ଶିବ ପ୍ରସାଦ ସ୍ୱାଇଁ, ଫାଇନାନ୍ସ ନିର୍ଦ୍ଦେଶକ ବିଜୟ କୁମାର ପାତ୍ର, ପୌର ସଦସ୍ୟ ଭକ୍ତଚରଣ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରି ହବିଷ୍ୟାଳୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଷ୍ଟେସନ ଶିବିର ପରେ ପୁରୁଣା ଜେଲ ରୋଡ ଶିବିରରେ ହବିଷ୍ୟାଳୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପ୍ରାୟ ୯୦୦ରୁ ଉର୍ଦ୍ଧ୍ୱ ହବିଷ୍ୟାଳୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ନୀଳାଚଳ ପାୱାର ନେଟୱାର୍କର ପରିଚାଳନା ନିର୍ଦ୍ଦେଷକ ଦୟାନିଧି ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଚାରୀଗଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସକାରାତ୍ମକ ଚିନ୍ତାଧାରା, ଐକ୍ୟବଦ୍ଧ ପ୍ରୟାସ ଓ ସକ୍ରିୟ ରକ୍ଷଣାବେକ୍ଷଣ ଆରଏସପିକୁ ନୂତନ ରେକର୍ଡ ସ୍ଥାପନ କରିବାରେ ସହାୟକ ହୋଇଛି : ସିଇଓ, ଆରଏସପି

ରାଉରକେଲା, ୧।୧୧ (ସକାଳ ଖବର) : ସକାରାତ୍ମକ ଚିନ୍ତାଧାରା, ଐକ୍ୟବଦ୍ଧ ପ୍ରୟାସ ଓ ସକ୍ରିୟ ରକ୍ଷଣାବେକ୍ଷଣ ଆରଏସପିକୁ ନୂତନ ରେକର୍ଡ ସ୍ଥାପନ କରିବାରେ ସହାୟକ ହୋଇଛି, ବୋଲି ନଭେମ୍ବର ୧ ତାରିଖରେ ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ବିଭାଗ ଗସ୍ତକାଳରେ ଉତ୍ସାହୀ କର୍ମୀସମୂହଙ୍କ ସହିତ ମତବିନିମୟ ଅବସରରେ ଆରଏସପିର ସିଇଓ, ଶ୍ରୀ ଅଶ୍ୱିନୀ କୁମାର ଉଲ୍ଲେଖ କରିଛନ୍ତି । ଆରଏସପି କାର୍ଯ୍ୟ ବିଭାଗର ଇଡି, ଶ୍ରୀ ଶୁଭେନ୍ଦ୍ର ଦାସ ସିଇଓଙ୍କ ଗହଣରେ ଆରଏସପି ସାମୁଦାୟିକଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, ଉତ୍କର୍ଷତା ହାସଲ ନିମନ୍ତେ ଆରଏସପି ସାମୁଦାୟିକଙ୍କ ନିକଟରେ ପୂର୍ଣ୍ଣ ସାମର୍ଥ୍ୟ ରହିଛି । ଉଲ୍ଲେଖନୀୟ ଯେ, ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ ମିଲ ବିଭାଗ ଅକ୍ଟୋବର ମାସରେ ୮୦୮୯୮ଟନ ପ୍ଲେଟ ରୋଲିଙ୍ଗ ସମ୍ପନ୍ନ କରିବା ସହିତ ୭୭୬୫୨ ଟନ ପ୍ଲେଟ ଚାଲାଣ ସମ୍ପନ୍ନ କରି ସର୍ବକାଳୀନ ଶ୍ରେଷ୍ଠ ମାସିକ ପ୍ରଦର୍ଶନ ରେକର୍ଡ ଦର୍ଜ୍ଜ କରିଛିଛ ସେହିଭଳି ଅକ୍ଟୋବର ମାସରେ ସିଣ୍ଟର ପ୍ଲାଣ୍ଟ-୩ ବିଭାଗ ୩,୧୪,୦୪୧ ଟନ ସିଣ୍ଟର ଉତ୍ପାଦନ ହାସଲ କରି ସର୍ବକାଳୀନ ଶ୍ରେଷ୍ଠ ମାସିକ ଉତ୍ପାଦନ ରେକର୍ଡ ହାସଲ କରିଛି । ଅକ୍ଟୋବର ମାସରେ ଇସ୍ପାତ କାରଖାନା ସମୁଦାୟ ୩୧୦୩୬୪ ଟନ ଉତ୍ତପ୍ତ ଧାତୁ, ୩୦୫୦୯୫ ଟନ ଅଶୋଧିତ ଇସ୍ପାତ ଏବଂ ୨୬୧୭୧୮ ଟନ ବିକ୍ରୀଯୋଗ୍ୟ ଇସ୍ପାତ ନିର୍ମାଣ କରିଛି । ଅନ୍ୟ ବିଭାଗଗୁଡିକ ଯଥା କୋକ ଓଭେନ, ଷ୍ଟିଲ ମେଲଟିଙ୍ଗ ସପ-୨, ପ୍ଲେଟ ମିଲ, ଏସଏସଏମ, ସିଆରଏମର ଗାଲ୍ଭାଲାଇଜିଙ୍ଗ ଲାଇନ ଅକ୍ଟୋବର ମାସରେ ଏପିପି ଲକ୍ଷ୍ୟ ହାସଲ କରିପାରିଛନ୍ତି । ଉକ୍ତ ମାସରେ ଉତ୍ତପ୍ତ ଧାତୁ ଉତ୍ପାଦନ ଏପିପି ଲକ୍ଷ୍ୟର ୯୯%, କେବଳ ବ୍ଲାଷ୍ଟ ଫର୍ଣ୍ଣେସ-୫ର ଉତ୍ପାଦନ ହାର ଏପିପି ଲକ୍ଷ୍ୟର ୧୦୩% ଓ ସାମର୍ଥ୍ୟ ବିନିଯୋଗ ୯୯.୬% ରହିଛି । ଆରଏସପି ବିଭିନ୍ନ ବିଭାଗ ଯଥା ସିଣ୍ଟରିଙ୍ଗ ପ୍ଲାଣ୍ଟ-୩ (୧୦୨%), ଏସଏମଏସ-୨-(୧୦୦%), ନୂତନ ପ୍ଲେଟ ମିଲ (୧୦୫%), କୋକ ଓଭେନ ବ୍ୟାଟେରୀ-୬ (୧୦୩%)ରେ ଏପିପି ଲକ୍ଷ୍ୟର ଶତ ପ୍ରତିଶତରୁ ଅଧିକ ଉତ୍ପାଦନ ହାସଲ କରିଛିଛ ଏହି ପରିସଙ୍ଖ୍ୟାନ ଏହା ସୂଚାଇଦେଉଛି ଯେ, ସଂପ୍ରସାରଣ ଯୋଜନା ଅଧୀନରେ କମିଶନ ହୋଇଥିବା ନୂତନ ସୁବିଧା ଗୁଡିକରୁ ଆରଏସପି ବିଶେଷ ରୂପେ ଉପକୃତ ହେଉଛି । ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଅକ୍ଟୋବର ମାସରେ ଆରଏସପି ଅନୁରୂପ ପୂର୍ବ ବର୍ଷ ତୁଳନାରେ ୩୪% ଅଭିବୃଦ୍ଧି ହାସଲ କରିଥିବାବେଳେ ଏହି କ୍ଷେତ୍ରରେ ଅପ୍ରେଲରୁ ଅକ୍ଟୋବର ମାସ ମଧ୍ୟରେ ଅନୁରୂପ ପୂର୍ବ ବର୍ଷ ସମୟ ତୁଳନାରେ ୧୭% ଅଭିବୃଦ୍ଧି ହାସଲ କରିଛି । ଏହି ସମସ୍ତ ଆକର୍ଷଣୀୟ ଉତ୍ପାଦନ ପ୍ରଦର୍ଶନ ସହ ଅକ୍ଟୋବର ମାସରେ ଆରଏସପି ପ୍ରମୁଖ ବୈଷୟିକ ଆର୍ଥିକ ପରିମାପକତା କ୍ଷେତ୍ର ଯଥା କୋକ ହାର ଓ ଆପେକ୍ଷିକ ଶକ୍ତି ଖର୍ଚ୍ଚ କ୍ଷେତ୍ରରେ ମଧ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛିଛ ଏହି ସମସ୍ତ ସଫଳତା କାରଖାନାର ଲାଭପ୍ରଦତାରେ ଏକ ସକାରାତ୍ମକ ପ୍ରଭାବ ପକାଇବ ।

# ଭଦ୍ରକରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ଭଦ୍ରକ,୧।୧୧ (ସକାଳ ଖବର) : ଭଦ୍ରକ ଉପକୃଷି ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ପରିସରରେ କୃଷି ବିଭାଗ, ଉଦ୍ୟାନ ବିଭାଗ, ପଶୁ ସମ୍ପଦ ବିଭାଗ ମତ୍ସ୍ୟବିଭାଗ ଓ ଓଡ଼ିଶା ଜୀବିକାମିଶନ ଓ କୃଷିବିଜ୍ଞାନକେନ୍ଦ୍ରର ବିଭାଗୀୟ କର୍ମଚାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଜିଲ୍ଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପକୃଷି ନିର୍ଦ୍ଦେଶକ ଟଙ୍କଧର ବେହେରା, ଜିଲ୍ଲା ମତ୍ସ୍ୟଧିକାରୀ ରବିନ୍ଦ୍ର କୁମାର ସମାଦାର, ଉଦ୍ୟାନ ବିଭାଗର ଅଧିକାରୀ ଲଳିତ କୁମାର ପଣ୍ଡା, ଜୀବିକାମିଶନର ମୁଖ୍ୟ କାର୍ଯ୍ୟ ନିର୍ବାହି ଅଧିକାରୀ ଗୁଣ୍ଡିଚା ବେହେରା, ସିଡ଼ିଭିଓ ଓ କୃଷିବିଭାଗ କେନ୍ଦ୍ରର ବିଭାଗୀୟ କର୍ମଚାରୀମାନେ ବୈଠକରେ ଯୋଗ ଦେଇଥିଲେ। କୃଷି ବିଭାଗ, ଉଦ୍ୟାନ ବିଭାଗ,ମତ୍ସ୍ୟବିଭାଗ, ପଶୁ ବିଭାଗ ଜରିଆରେ ବିଭିନ୍ନ ସରକାରୀ ଯୋଜନାକୁ କିପରି ଜୀବିକା ମିଶନ ସହଯୋଗୀତା ଯୋଗକରାଯାଇ ପାରିବ । ଏହି ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଜୀବିକା ମିଶନର ସ୍ୱୟଂସହାୟକ ଗୋଷ୍ଠିମାନେ ଉପକୃତ ହେବା ସହ ସେମାନଙ୍କର ଆର୍ଥିକ ଓ ସାମାଜିକ ଅଭିବୃଦ୍ଧି ହୋଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ ଦାସ ବକ୍ତବ୍ୟରେ କହିଥିଲେ। ବଜାରର ଚାହିଦାକୁ ଲକ୍ଷ୍ୟକରି ଏହି ବିଭାଗ ଅଧିନରେ ଥିବା ବିଭିନ୍ନ ଯୋଜନା ପ୍ରସ୍ତୁତ କରି ନଭେମ୍ବର ୧୫ ତାରିଖ ସୁଧା ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାଙ୍କ ପକ୍ଷରୁ କୃଷିର ଉନ୍ନ ତି ସହ ବିଭିନ୍ନ ଅର୍ଥକାରୀ ଯଥା ମତ୍ସ୍ୟବ୍ୟବସାୟ, କୁକୁଡ଼ା ଚାଷ, ଗୋପାଳନ, ଉଦ୍ୟାନ ଅଧିନରେ ଥିବା ବିଭିନ୍ନ ପନିପରିବା, ଫଳଚାଷ, ଫୁଲ ଚାଷ ଜରିଆରେ ଗରିବ ଜନସାଧାରଣ ମାନେ ଉପକୃତ ହୋଇପାରିବେ ବୋଲି ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

# ନ୍ୟୁୟର୍କ ଆକ୍ରମଣକୁ ନିନ୍ଦା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧।୧୧ : ନ୍ୟୁୟର୍କ ମେନହଟନରେ ହୋଇଥିବା ଆତ୍ମଘାତୀ ଆକ୍ରମଣକୁ ନିନ୍ଦା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ ଏହି ଘଟଣାକୁ ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିବା ସହିତ ଏହାର ମୂଳୋତ୍ପାଟନ ପାଇଁ ବିଶ୍ୱ ସମୂହକୁ ଏକାଠି ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ବ୍ରିଟେନ ପ୍ରଧାନମନ୍ତ୍ରୀ ଥେରେସା ମେ ମଧ୍ୟ ଏହି ଆକ୍ରମଣକୁ ନିନ୍ଦା କରିବା ସହ ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି କହିଛନ୍ତି। ଆତଙ୍କବାଦ ବିରୋଧରେ ସେ ଆମେରିକାକୁ ସମର୍ଥନ କରୁଥିବା କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଗୁଇନ୍ଦା ବିଭାଗ ଏହି ଘଟଣା ଉପରେ ନଜର ରଖିଥିବା ସେ କହିଛନ୍ତି। ମଙ୍ଗଳବାର ଦିନ ନ୍ୟୁୟର୍କର ମେନହଟନରେ ଏକ ଟ୍ରକ ଉଦ୍ଦେଶ୍ୟମୂଳକ ଭାବେ ରାସ୍ତାରେ ଯାଉଥିବା ଲୋକଙ୍କ ଉପରକୁ ମାଡିଯାଇଥିଲା। ଏଥିରେ ୮ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୧ଜଣ ଆହତ ହୋଇଛନ୍ତି। ପୋଲିସ ସଙ୍ଗେସଙ୍ଗେ ଟ୍ରକ ଚାଳକଙ୍କୁ ଗିରଫ କରିଥିଲା। ଏଡି ଘଟଣା ପଛରେ ଆତଙ୍କବଦୀ ସଙ୍ଗଠନର ହାତ ଥିବା ପୋଲିସ ସନ୍ଦେହ କରୁଛି।

# ନିର୍ବାଚନ ଲଢିବା ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିବିଶେଷଙ୍କ ଉପରେ ରୋକ ଲଗାଯାଉ

ନୂଆଦିଲ୍ଲୀ, ୧।୧୧: କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇସାରିଥିବା ଜନପ୍ରତିନିଧିମାନଙ୍କର ନିର୍ବାଚନ ଲଢିବା ଉପରେ ଆଜୀବନ ରଦ୍ଦ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ସୁପାରିଶ କରିଛି ନିର୍ବାଚନ କମିସନ। ଏନେଇ ଆଇନରେ ମଧ୍ୟ ସଂଶୋଧନ ଆଣିବାକୁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିଥିବା କମିସନ ପକ୍ଷରୁ କୁହାଯାଇଛି।

୧୯୭୭ରେ ପ୍ରଥମେ କମିସନ ପକ୍ଷରୁ ଜନ ପ୍ରତିନିଧି ମାନଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ସମୟ ସୀମା ହ୍ରାସ କରାଯାଇଥିଲା। ସୁପ୍ରିମକୋର୍ଟରେ ଅଶ୍ୱୀନି କୁମାରଙ୍କ ପକ୍ଷରୁ ଦାୟର କରାଯାଇଥିବା ଏକ ପିଟିସନରେ ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବିଧାୟକ, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାରେ ଜଡିତ ଥିବା ବ୍ୟକ୍ତି ବିଶେଷଙ୍କର ଫଇସଲା ବର୍ଷକ ମଧ୍ୟରେ କରିବା ସହିତ ନିର୍ବାଚନ ଲଢିବା ପାଇଁ ଅଯୋଗ୍ୟ ଘୋଷଣା କରିବାକୁ ସୁପାରିଶ କରାଯାଇଛି। ଏନେଇ ଆଇନରେ ମଧ୍ୟ ସଂସ୍କାର ଆଣିବାକୁ କେନ୍ଦ୍ର ସରକାର ଓ ନିର୍ବାଚନ କମିସନରଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଏହି ପିଟିସନରେ ଯୁକ୍ତି ବାଢିଛନ୍ତି ଅଶ୍ୱୀନି। କେବଳ ଏତିକି ନୁହେଁ, ନିର୍ବାଚନ ଲଢିବା ପାଇଁ ବ୍ୟକ୍ତି ବିଶେଷଙ୍କର ସର୍ବନିମ୍ନ ଓ ସର୍ବାଧିକ ଯୋଗ୍ୟତା ମଧ୍ୟ ଲାଗୁ କରିବାକୁ ସୁପାରିଶ କରାଯାଇଛି।

# ନିଯୁକ୍ତି ଦାବିରେ ଖଣି ବନ୍ଦ ଆନ୍ଦୋଳନ: ୫୨ ଗିରଫ

ତାଳଚେର,୧।୧୧ (ସକାଳ ଖବର) : ତାଳଚେର ବ୍ଲକ କଳମଛୁଇଁ ଗ୍ରାମର ଖଣି କ୍ଷତିଗ୍ରସ୍ତ ୧୮ ବର୍ଷରୁ ଉର୍ଦ୍ଧ୍ୱ ସାବାଳକ ପୁ ଅ , ଅ ବ ି ବ । ହ ି ତ । ଝିଅ,ନାତି,ନାତୁଣୀମାନଙ୍କୁ ନିଯୁକ୍ତି ଦାବିରେ ବୁଧବାର ଦିନ ହିଙ୍ଗୁଳା କୋଇଲା ଖଣିରେ ବନ୍ଦ ଆନ୍ଦୋଳନ କରାଯାଇଥିଲା। । ଆନ୍ଦୋଳନକାରୀମାନେ ସକାଳ ୫ଟାରୁ ହିଙ୍ଗୁଳା କୋଇଲା ଖଣିର ଟାଇମ୍ ଅଫିସ,ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଶାଳବଣିଆସ୍ଥିତ ପରିବହନ ରାସ୍ତାରେ ଆନ୍ଦୋଳନ କରିବାରୁ କୋଇଲା ଉତ୍ପାଦନ ଓ ପରିବହନ ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । ପ୍ରକାଶ ଯେ- ଓଡିଶା ସରକାରଙ୍କ ଭୂଅର୍ଜନ ଅଧିନିୟମ ୨୦୦୬ ଅନୁଯାୟୀ ଯେଉଁ ପରିବାର ତଥା ଗ୍ରାମଗୁଡିକ ୧୫/୦୫/୨୦୦୬ ରିଖ ପରେ ଅଧିଗ୍ରହଣ କିମ୍ବା ବିସ୍ଥାପିତ ହୋଇଥିବେ,ସେହି ପରିବାରର ସମସ୍ତ ସାବାଳକ ପୁଅ,ଅବିବାହିତା ଝିଅ,ନାତି କିମ୍ବା ନାତୁଣୀମାନଙ୍କୁ ସ୍ୱତନ୍ତ୍ର ପରିବାର ରୂପେ ବିବେଚନା କରାଯାଇ ନିଯୁକ୍ତି ପ୍ରଦାନ କରାଯିବ। ପରନ୍ତୁ ଖଣି କର୍ତ୍ତୃପକ୍ଷ ସରକାରଙ୍କ ୨୦୦୬ ପଲିସିକୁ କାର୍ଯ୍ୟକାରୀ କରୁନଥିବାରୁ ଘରଦ୍ୱାର,ଜମିବାଡି ହରାଇ ୧୮ ବର୍ଷରୁ ଉର୍ଦ୍ଧ୍ୱ ସାବଳକ ଯୁବକ, ଯୁବତୀମାନେ ବେକାରୀ ସମସ୍ୟା ଦେଇ ଗତି କରୁଛନ୍ତି । ପୂର୍ବରୁ ଏହି ବିସ୍ଥାପିତ ପ୍ରଜାମାନେ ବିଭିନ୍ନ ସମୟରେ ନିଯୁକ୍ତି ନିମନ୍ତେ ଆନ୍ଦୋଳନ କରୁଥିଲେ ମଧ୍ୟ ଏମ୍‌ସିଏଲ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଖଣି କ୍ଷତିଗ୍ରସ୍ତ ପ୍ରଜାମାନେ ଅଭିଯୋଗ କରିଛନ୍ତି । ତେଣୁ ଖଣି କର୍ତ୍ତୃପକ୍ଷ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଭୂଅର୍ଜନ ନିୟମ-୨୦୦୬କୁ ପାଳନ କରି ସେମାନଙ୍କୁ ଯଥାଶିଘ୍ର ନିଯୁକ୍ତି ପ୍ରଦାନ କରିବା ଦାବୀରେ ଖଣି କ୍ଷତିଗ୍ରସ୍ତ ପ୍ରଜା ସଂଘର ସଭାପତି ସଦାନନ୍ଦ ମହାରଣା ଓ ସଂପାଦକ ସୌମ୍ୟରଂଜନ ସ୍ୱାଇଁଙ୍କ ନେତୃତ୍ୱରେ ଖଣି ବନ୍ଦ ଆନ୍ଦୋଳନ କରାଯାଇଥିଲା । ଖବର ପାଇ ଘଟଣାସ୍ଥଳକୁ ତାଳଚେର ଉପଜିଲ୍ଲାପାଳଙ୍କ ପ୍ରତିନିଧି ରୂପେ ଅତିରିକ୍ତ ତହସିଲ୍ଦାର ପହଂଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଚଳିତ ମାସ ୨୫ ତାରିଖରେ ଆରପିଡିସି ମିଟିଙ୍ଗରେ ଏହି ସମସ୍ୟା ଉତ୍ଥାପନ କରାଯିବା ସହ ସମସ୍ୟାର ସମାଧାନ କରାଯିବ ବୋଲି ନିର୍ଭର ପ୍ରତିଶୃତି ଦେବାରୁ ଅପରାହ୍ନ ୩ଟାରେ ଖଣି ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏହି ଆଲୋଚନା ବେଳେ ୧୮ନଂ ଜୋନ୍‌ର ଜିଲ୍ଲାପରିଷଦ ସଦସ୍ୟା ଗୀତାଞ୍ଜଳୀ ପାତ୍ର, କଳମଛୁଇଁ ସରପଂଚ ସ୍ୱାଗତିକା ବିଶ୍ୱାଳ, ସମିତି ସଭ୍ୟା କୁମୁଦିନୀ ସାହୁ ଓ ନାଏବ ସରପଂଚ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଖଣି କ୍ଷତିଗ୍ରସ୍ତ ୧୮ ବର୍ଷରୁ ଉର୍ଦ୍ଧ୍ୱ ସାବାଳକ ପୁଅ,ଅବିବାହିତା ଝିଅ,ନାତି,ନାତୁଣୀମାନଙ୍କୁ ନିଯୁକ୍ତି ଦାବିରେ ତାଳଚେର ବ୍ଲକ ସୋଲଡା ଗ୍ରାମବାସୀଙ୍କ ପକ୍ଷରୁ ବଳରାମ କୋଇଲା ଖଣିରେ ବନ୍ଦ ଆନ୍ଦୋଳନ କରାଯାଇଥିଲା। । ଆନ୍ଦୋଳନକାରୀମାନେ ସକାଳୁ ବଳରାମ କୋଇଲାଖଣିର ଜିରୋ ପଏଣ୍ଟ ଠାରେ ବସି ରହି ଆନ୍ଦୋଳନ କରିବାରୁ କୋଇଲା ଉତ୍ପାଦନ ଓ ପରିବହନ ବାଧାପ୍ରାପ୍ତ ହୋଇଥିଲା । ସୂଚନାରୁ ପ୍ରକାଶ ଯେ- ଓଡିଶା ସରକାରଙ୍କ ଭୂଅର୍ଜନ ଅଧିନିୟମ ୨୦୦୬ ଅନୁଯାୟୀ ଯେଉଁ ପରିବାର ତଥା ଗ୍ରାମଗୁଡିକ ୧୫/୦୫/୨୦୧୬ ରିଖ ପରେ ଅଧିଗ୍ରହଣ କିମ୍ବା ବିସ୍ଥାପିତ ହୋଇଥିବେ,ସେହି ପରିବାରର ସମସ୍ତ ସାବାଳକ ପୁଅ,ଅବିବାହିତା ଝିଅ,ନାତି କିମ୍ବା ନାତୁଣୀମାନଙ୍କୁ ସ୍ୱତନ୍ତ୍ର ପରିବାର ରୂପେ ବିବେଚନା କରାଯାଇ ନିଯୁକ୍ତି ପ୍ରଦାନ କରାଯିବ ।

# ୫୧ତମ ରାଜ୍ୟ ସ୍ତରୀୟ ବନ୍ଧୁକ ଚାଳନାରେ ହାବିଲଦାର ଅଜୟ ନାୟକଙ୍କ କୃତିତ୍ୱ

ଭଦ୍ରକ ୧।୧୧ (ସକାଳ ଖବର) : ଭଦ୍ରକ ଟାଉନରେ ଟ୍ରାଫିକ୍ ଦାୟିତ୍ୱରେ ଥିବା ହାବିଲଦାର ଅଜୟ କୁମାର ନାୟକ(ପୁରୁ) ବନ୍ଧୁକ ଚାଳନାରେ ରାଜ୍ୟରେ ୨ୟ ସ୍ଥାନ ପାଇଁ ନିଜର କୃତିତ୍ୱ ହାସଲ କରିବାରେ ସଫଳ ହୋଇଛନ୍ତି। ୫୧ତମ ରାଜ୍ୟ ସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗୀତା ଢେଙ୍କାନାଳ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁକ ଚାଳନା ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ବ୍ୟାଟାଲିୟନ ଭାଗ ନେଇଥିଲେ। ଶ୍ରୀ ନାୟକ ଇଷ୍ଟର୍ଣ୍ଣ ରେଞ୍ଜ ବାଲେଶ୍ୱର ଅଧିନରେ ଭାଗ ନେଇ ୨ୟ ସ୍ଥାନ ହାସଲ କରିଛନ୍ତି। ଏହି ଅବସରରେ ବରିଷ୍ଠ ଆଇପିଏସ ଅଫିସର ଏଡିଜି ମହେନ୍ଦ୍ର ପ୍ରତାପ ତାଙ୍କୁ ରୌପ୍ୟ ପଦକରେ ସମ୍ମାନୀତ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ଭଦ୍ରକ ଜିଲ୍ଲା ପୁଲିସ ପକ୍ଷରୁ ସ୍ୱାଗତ କରାଯାଇଛି।

# ଏକାଠି ହେଲେ ରାଣୀ- କାଜୋଲ

ମୁମ୍ବାଇ : ଏକାଠି ହେଲେ ରାଣୀ -କାଜୋଲ। ପୁଣି ଏକ କାର୍ଯ୍ୟକ୍ରମରେ ଏକାଠି ଉଭୟଙ୍କୁ ଦେଖିବାକୁ ମିଳିଛି। ରାଣୀ ମୁଖାର୍ଜୀଙ୍କ ପିତାଙ୍କ ଶ୍ରାଦ୍ଧରେ ସାମିଲ ହୋଇଥିଲେ କାଜୋଲ। ମୁମ୍ବାଇର ଜୁହୁରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଣୀ ମୁଖାର୍ଜୀଙ୍କର ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ରାଣୀ ମୁଖାର୍ଜୀଙ୍କ ପିତା ରାମ ମୁଖାର୍ଜୀଙ୍କ ଦେହାନ୍ତ ସମୟରେ କାଜଲଙ୍କର ଦେଖାନଥିଲା। ତେବେ ଶ୍ରାଦ୍ଧ ଦିବସରେ କାଜୋଲଙ୍କୁ ଦେଖି ସମସ୍ତେ ଚକିତ ହୋଇଯାଇଥିଲେ। ଅସୁସ୍ଥତା କାରଣରୁ ଅଜୟ ଓ କାଜୋଲ ପଂହଚି ପାରିନଥିବା ପରେ ସଫେଇ ଦେଇ କହିଥିଲେ କାଜୋଲ। ଯଶରାଜଙ୍କ ମାଲିକ ଆଦିତ୍ୟ ଚୋପ୍ରାଙ୍କ ସହ ବିବାହ ପରେ ଉଭୟଙ୍କ ସଂପର୍କରେ ଫାଟ ଆସିଥିବା ଜଣାପଡିଥିଲା। ପୂର୍ବରୁ ଅଜୟ ଓ ଯଶରାଜଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଏହି କାରଣରୁ କାଜଲ ଓ ରାଣୀଙ୍କ ସମ୍ପର୍କ ଉପରେ ଏହା ପ୍ରଭାବ ପକାଇଥିଲା।

# କ୍ରିକେଟରମାନଙ୍କର ଡୋପ ଟେଷ୍ଟକୁ ସମର୍ଥନ କଲେ ଜାଡେଜା

ନୂଆଦିଲ୍ଲୀ : କ୍ରିକେଟର ମାନଙ୍କର କରାଯାଉଥିବା ଡୋପ ଟେଷ୍ଟକୁ ସମର୍ଥନ ଜଣାଇଛନ୍ତି ପୂର୍ବତନ କ୍ରିକେଟର ଅଜୟ ଜାଡେଜା। ସମସ୍ତଙ୍କୁ ସରକାରଙ୍କ ନିୟମର ପାଳନ କରିବା ଆବଶ୍ୟକ ବୋଲି ମଧ୍ୟ ସେ କହିଛନ୍ତି। ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ରାନ୍ ଫର୍ ୟୁନିଟି କାର୍ଯ୍ୟକ୍ରମରେ ଯୋଗ ଦେଇ ଜାଡେଜା ସରକାରଙ୍କଏହି ନିୟମ ଉପରେ ଗୁରୁତ୍ୱ ଦେଇଥିଲେ। ଖେଳ ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରୀୟ ଡୋପିଂ ନିରୋଧୀ ଏଜେନ୍ସିକୁ ଦିଆଯାଇଥିବା ଏହି ନିଷ୍ପତିକୁ ସେ ସ୍ୱାଗତ କରିଛନ୍ତି। ଏହି ନିୟମକୁ ସମସ୍ତେ ଖୁସିର ସହିତ ପାଳନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। କିଛି ଦିନ ତଳେ କ୍ରିକେଟରମାନଙ୍କୁ ଡୋପିଂ ଟେଷ୍ଟ ବାଧ୍ୟତାମୂଳକ କରିବା ପାଇଁ କେନ୍ଦ୍ର କ୍ରୀଡାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ବିସିସିଆଇକୁ ପତ୍ର ଲେଖିଥିଲେ।

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com
Editor - Amit Kumar Mallick
ସଂପାଦକ : ଅମିତ୍ କୁମାର ମଲ୍ଲିକ୍